# Akashvani, Sambalpur

## SAMBALPURI NEWS EVENING BULLETIN

## 24 June 2025- 7.02 pm- 7.12 pm.

*********************************************

୧- ଦେଶେ ଜରୁରୀକାଲୀନ୍ ପରିସ୍ଥିତି ଲାଗୁ ହେବାର୍ ୫୦ ବଛର୍ ପୂର୍ତି ଲାଗି ଆଏବା କାଏଲ୍ ପାଲନ୍ କରାଯିବା ସମ୍ବିଧାନ୍ ହତ୍ୟା ଦିବସ୍ ।

୨- ଓଡ଼ିଶା ଗୁଟେ ଶକ୍ତି ପର୍ଯ୍ୟାପ୍ତ ରାଜ୍ୟନୁ ଶକ୍ତି ସଶକ୍ତ ରାଜ୍ୟ ହେଇପାରିଛେ କହେଲେ ଶକ୍ତିମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ।

୩- ଶ୍ରୀକ୍ଷେତ୍ର ପୁରୀ ନ ରଥଯାତ୍ରା ସମିଆଥି ଭିଡ଼୍ ନିୟନ୍ତ୍ରଣ୍ ଆଉ ଟ୍ରାଫିକ୍ ସୁପରିଚାଳନା ବାବ୍‌ଦେ ସମୀକ୍ଷା କଲେ ପୁଲିସ୍ ମହାନିର୍ଦ୍ଦେଶକ୍ ।

ଆଉର୍

୪- ମୌସୁମୀର୍ ପ୍ରଭାବ୍‌ଥି ଆଏବା ହପ୍ତେତକ୍ ରାଏଜେ ହେବା ବର୍ଷା- ସୂଚ୍‌ନା ଦେଲା ପାଣିପାଗ୍ କେନ୍ଦ୍ର ।

ସମ୍ବିଧାନ୍ ହତ୍ୟା ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ଜରୁରୀକାଲୀନ୍ ପରିସ୍ଥିତି ଲାଗୁ ହେବାର୍ ୫୦ ବଛର୍ ପୂର୍ତିକେ ଆଏବା କାଏଲ୍ ସମ୍ବିଧାନ୍ ହତ୍ୟା ଦିବସ୍ ଭାବେ ପାଲନ୍ କରାଯିବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ନିଷ୍ପତି ନିଆଯାଇଛେ । ୧୯୭୫ ମସିହା ଜୁନ୍ ମାସର୍ ୨୫ ତାରିଖ୍ ଦିନ ଭାରତୀୟ ସମ୍ବିଧାନ୍‌କେ ଅମର୍ଯ୍ୟାଦା ପ୍ରଦର୍ଶନ୍ ପୂର୍ବକ ସେତେବେଲର୍ ସର୍‌କାର୍ ଦେଶେ ଜରୁରୀକାଲୀନ୍ ପରିସ୍ଥିତି ଲାଗୁ କରିଥିଲେ । ଇତାର୍‌ଲାଗି ସେତ୍‌କିବେଲ୍‌କେ ଲୋକ୍‌ମାନେ ବହୁତ୍ ଅସୁବିଧାର୍ ସାମ୍ନା କରିଥିଲେ । ଭାରତ୍‌ର ଗଣତାନ୍ତ୍ରିକ୍ ଇତିହାସ୍‌ର କ୍ଷୁର୍ଣ୍ଣ ମର୍ଯ୍ୟାଦା କରିଥିବା ସେହିଦିନ୍‌କେ ସୋର୍ ପକେଇକରି ଆଏବା କାଏଲ୍ ଦେଶର୍ ସବୁ ଜାଗା ନ ସମ୍ବିଧାନ୍ ହତ୍ୟା ଦିବସ୍ ପାଲନ୍ କରାଯିବା । ରାଏଜେ ଇ ଦିବସ୍ ପାଲନ୍‌କେ ନେଇକରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍,

(ଭଏସ୍ ଓଭର୍-ସୂର୍ଯ୍ୟବଂଶୀ ସୂରଜ୍)

ଜରରୁକାଲୀନ୍ ପରିସ୍ଥିତି ସମିଆଥି ସେତେବଲର୍ ସର୍‌କାର୍‌ଙ୍କର୍ କାର୍ଯ୍ୟକାରିତାକେ ନେଇକରି ସମ୍ବଲ୍‌ପୁର୍‌ର ବେଣୁଧର୍ ଦାସ ଆକାଶ୍‌ବାଣୀକେ କହିଛନ୍...

(ଭଏସ୍ ଓଭର୍- ବେଣୁଧର୍ ଦାସ)

ଇ ବାବ୍‌ଦେ ଆକାଶ୍‌ବାଣୀ ସମ୍ବାଦ ବିଭାଗ୍ ତର୍‌ଫୁ ପ୍ରସ୍ତୁତ୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍)

*୧୯୭୫ ମସିହା ଜୁନ୍ ମାସର୍ ୨୫ ତାରିଖ୍‌ନୁ ୧୯୭୭ ମସିହା ମାର୍ଚ୍ଚ ୨୧ ତାରିଖ୍‌ତକ୍ ପାଖାପାଖି ୧୮ ମାସ୍ ଧରିକରି ଦେଶେ ଲାଗୁ ହେଇଥିଲା ଜରୁରୀକାଲୀନ୍ ପରିସ୍ଥିତି । ସେତେବେଲର୍ ସର୍‌କାର୍ କ୍ଷମତାର୍ ଅପବ୍ୟବହାର୍ କରିକରି ଗଣତନ୍ତ୍ରର କଣ୍ଠରୋଧି କର୍‌ବାର୍‌ନୁ ସାରା ଦେଶେ ଅସ୍ୱାଭାବିକ୍ ଥିତି ଦେଖାଦେଇଥିଲା । ସେତେବେଲର୍ ପ୍ରଧାନ୍‌ମନ୍ତ୍ରୀ ଇନ୍ଦିରାଗାନ୍ଧୀ ଏକଛତ୍ରବାଦ୍ ପ୍ରଦର୍ଶନ୍ କରିକରି ସମ୍ବିଧାନ୍‌ଥି ନାଗରିକ୍‌ମାନ୍‌କର୍ ମୌଲିକ୍ ଅଧିକାର୍‌କେ ସଙ୍କୁଚିତ୍ କରିଦେଇଥିଲେ । ବିନା ଦୁଶେ ଲାଖ୍ ଲାଖ୍ ଲୁକ୍‌କୁ ଜେଲ୍‌ଦଣ୍ଡ ଭୁଗ୍‌ବାର୍ ଲାଗି ପଡ଼ିଥିଲା । ପରବର୍ତ୍ତୀ ସମିଆଥି କୋଟି କୋଟି ଲୁକ୍‌କର୍ ସଂଗ୍ରାମ୍ ଲାଗି ଆଏଜ୍ ଦେଶେ ଗଣତନ୍ତ୍ରକେ ବର୍‌କସ୍ କରାଯାଇପାରିଛେ ।*

*ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ମୁଇଁ*

*ସୁପ୍ରିତୀ ମିଶ୍ର ।*

ଶକ୍ତି କ୍ଷେତ୍ରଥି ମଡ଼େଲ୍ I&PR

ନବୀକରଣ୍ ଶକ୍ତି, ବର୍‌କସ୍ ପରିବହନ୍ ଯୋଜ୍‌ନା, ସାଇବର୍ ସୁରକ୍ଷା ଆଉ ଆର୍ଥିକ୍ ସଂସ୍କାର୍‌ଥି ରଣନୈତିକ୍ ନୀତି ଜରିଏ ଓଡ଼ିଶାକେ ଶକ୍ତିକ୍ଷେତ୍ର୍‌ଥି ଗୁଟେ ମୋଡ଼େଲ୍ ରାଜ୍ୟ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ ବଲି ଶକ୍ତିମନ୍ତ୍ରୀ ଆଉ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ବିହାର୍‌ର ପାଟ୍‌ନାଠାନେ ପୂର୍ବାଂଚଲ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ପ୍ରଦେଶ୍‌ର ରାଜ୍ୟ ଶକ୍ତିମନ୍ତ୍ରୀ ଆଉ ସଚିବମାନ୍‌କର୍ ସମ୍ମିଲନୀଥି ଯୋଗ୍ ଦେଇକରି ଶ୍ରୀ ସିଂହଦେଓ କହିଛନ୍, ଓଡ଼ିଶା ଗୁଟେ ସ୍ଥିର, ସବୁଜ ଆଉ ଭବିଷ୍ୟତ୍ ଲାଗି ତିଆର୍ ବିଦ୍ୟୁତ୍ ଭିତିଭୂମି ନିର୍ମାଣ୍ ଲାଗି ପ୍ରତିବଦ୍ଧ । ଓଡ଼ିଶା ଗୁଟେ ଶକ୍ତି ପର୍ଯ୍ୟାପ୍ତ ରାଜ୍ୟନୁ ଶକ୍ତି ସଶକ୍ତ ରାଜ୍ୟ ହେଇପାରିଛେ । ରାଏଜେ ୬ ହଜାର୍ ୨ ଶହ ୪୨ ମେଗାୱାଟ୍ ବିଦ୍ୟୁତ୍ ଚାହିଦାକେ ପୁରା କରାଯାଇଛେ । ୨୦୩୬ ମସିହାତକ୍ ରାଏଜେ ୧୧ ହଜାର୍ ୨ ଶହ ୯୪ ମେଗାୱାଟ୍ ଅଏତ୍‌କା ବିଦ୍ୟୁତ୍ ଉତ୍ପାଦନ୍ ଲାଗି ଲକ୍ଷ୍ୟ ରଖାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ମେଡ଼ିକାଲ୍ କଲେଜ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୯ ଟା ନୂଆଁ ମେଡ଼ିକାଲ୍ କଲେଜ୍ ଥାପ୍ନା ହେବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଜଗତ୍‌ସିଂହପୁର୍, ଭଦ୍ରକ୍, ଢେଙ୍କାନାଲ୍ ଆର୍ ନବରଙ୍ଗ୍‌ପୁର୍ ନ ମେଡ଼ିକାଲ୍ କଲେଜ୍ ଥାପ୍ନା କରାଯିବା । ଇତାର୍‌ସହେତେ ବୁର୍ଲା, ବଲାଙ୍ଗିର୍, ବ୍ରହ୍ମପୁର୍ ଆଉ କେନ୍ଦୁଝର୍ ନ ୪ ଟା ଡେଂଟାଲ୍ କଲେଜ୍ ଆଉ ମୟୁର୍‌ଭଞ୍ଜ୍ ନ ଗୁଟେ ଆୟୁର୍ବେଦ୍ କଲେଜ୍ ଥାପ୍ନା ବାବ୍‌ଦେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ କହିଛନ୍ ।

ଏକକ ପେନ୍‌ସନ୍ ଯୋଜ୍‌ନା ଏନ୍‌ଏସ୍‌ଡି

ଏକକ ପେନ୍‌ସନ୍ ଯୋଜ୍‌ନା- ୟୁପିଏସ୍ ବିକଳ୍ପ କାର୍ଯ୍ୟକାରୀ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାରୀ କର୍ମଚାରୀମାନ୍‌କୁ ଅଏତ୍‌କା ୩ ମାସ୍ ସମିଆ ଦିଆଯାଇଛେ । ଅର୍ଥମନ୍ତ୍ରଣାଲୟର୍ ବିଜ୍ଞପ୍ତି ଅନ୍‌ସାରେ କର୍ମଚାରୀମାନ୍‌କର୍ ଲାଗି ମାର୍ଚ୍ଚ ମାସୁ ଜୁନ୍ ୩୦ ତାରିଖ୍‌ତକ୍ ଏକକ ପେନ୍‌ସନ୍ ସ୍କିମ୍‌ର ସମିଆ ଧାରିଜ୍ କରାଯାଇଥିଲା । ଇତାକେ ସେପ୍ଟେମ୍ବର୍ ମାସ ୩୦ ତାରିଖ୍‌ତକ୍ ବଢ଼ାଯାଇଛେ । ଇ ସମିଆ ଭିତ୍‌ରେ ଯୋଗ୍ୟ ପୁରୁଣା କର୍ମଚାରୀ, ଅବସରପ୍ରାପ୍ତ

କର୍ମଚାରୀ ଆଉ ଅବସରପ୍ରାପ୍ତ ମୃତ କର୍ମଚାରୀମାନ୍‌କର୍ ପତ୍ନୀ ବିକଳ୍ପ କାର୍ଯ୍ୟକାରୀ ଲାଗି ଆବେଦନ୍ କରିପାର୍‌ବେ ।

ପଂଚାୟତିରାଜ୍ ମନ୍ତ୍ରୀ I&PR

ଲୋକାଭିମୁଖୀ ଶାସନ୍‌ର ଅଭିନବ ଚେରେଷ୍ଟା ହେଇଛେ ବିକାଶ୍ ବାହନ୍ । ଲୋକ୍‌ମାନ୍‌କର୍ ପାଖ୍‌କେ ଯାଇକରି ଯୁଗେଇ ଦଉଛେ ଜରୁରୀ ସେବା ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ଲୋକ୍‌ମାନ୍‌କର୍ ସପନ୍ ଆଉ ସଂକଳ୍ପକେ ସାକାର୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ । ଇଥିର୍‌ଲାଗି ବଛ୍‌ରେ ଭିତ୍‌ରେ ଲାଗୁ ହେଇଥିବା ସବୁ ଯୋଜ୍‌ନାର୍ ଆଉ କାର୍ଯ୍ୟକ୍ରମ୍‌ର ଯେନ୍ତା ସାଧାରଣ୍ ଲୁକେ ଲାଭ୍ ପାଇପାର୍‌ବେ ସେଥିର୍‌ଲାଗି ସର୍‌କାର୍ ସବୁବେଲେ ଚେରେଷ୍ଟା କରୁଛନ୍ । ଗଲା ଜୁନ୍ ୧୨ ତାରିଖ୍‌ନୁ ୩ ଶହ ୧୯ ଟା ବିକାଶ୍ ବାହନ୍ ରାଜ୍ୟର୍ ସବୁ ବ୍ଲକ୍ ଆଉ ମହାନଗର୍ ନିଗମ୍ ନ ପାଖାପାଖି ଦେଢ଼୍‌ଲାଖ୍ କିଲୋମିଟର୍ ଯାତ୍ରା କରିକରି ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଲୁକ୍‌କୁ ସଚେତନ୍ କରଉଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ବନକଲାଗି          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ୨ ନମ୍ବର୍ ଭୋଗ ମଣ୍ଡପ୍ ନୀତି ସର୍‌ବାର୍ ଉତ୍‌ରୁ ମାହାପୁରୁମାନ୍‌କର୍ ଶ୍ରୀମୁଖ ଶୃଙ୍ଗାର ଆଉ ବନକଲାଗି ନୀତି ହେବା । ଗଲାକାଏଲ୍ ଅନବସର ତ୍ରୟୋଦଶୀ ତିଥି ନ ଘଣାଲାଗି ନୀତି ହେଇଯାଇଛେ । ଆଏବା ରଥଯାତ୍ରାକେ ଶୃଙ୍ଖଲିତ୍ ଆଉ ସୁରକ୍ଷିତ୍ ଭାବେ କର୍‌ବାର୍ ଲାଗି ପୁରୀ ଟାଉନ୍ ହଲ୍ ନ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଭିଡ଼୍ ନିୟନ୍ତ୍ରଣ୍ ଆଉ ଟ୍ରାଫିକ୍ ସୁପରିଚାଲନା ସହେତେ ଭକ୍ତମାନ୍‌କର୍ ସୁରକ୍ଷାକେ ନେଇକରି ବୈଠକ୍‌ଥି ଆଲୋଚନା ହେଇଛେ । ଇ ବଛର୍ ରଥଯାତ୍ରାଥି ୧୦ ହଜାର୍‌ନୁ ଅଏତ୍‌କା ସୁରକ୍ଷା କର୍ମୀ ମୁତୟନ୍ ହେବେ । ଇତାର୍‌ସହେତେ ସହରର୍ ଭିନ୍ ଭିନ୍ ଜାଗା ନ ଏଂଟି ଟେରେରିଷ୍ଟ ଦଲ୍ ଭିଲ୍ ଜଳ, ସ୍ଥଳ ଆଉ ଆକାଶ୍ ପଥ ନ କଡ଼ା ନଜର୍ ରଖିବେ । ଇତାର୍‌ସହେତେ କୁମ୍ଭାର୍‌ପଡା, ମାଲ୍‌ତୀପାଟପୁର ଠାନେ ୨ ଟା ଟ୍ରାଫିକ୍ କଂଟ୍ରୋଲ୍ ରୁମ୍ କାମ୍ କର୍‌ବା ବଲି ବୈଠକ୍‌ନୁ ସୂଚ୍‌ନା ମିଳିଛେ । ସେଆଡ଼େ ନୀଳାଦ୍ରୀ ଭକ୍ତନିବାସ୍ ଠାନେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍

ହେଇଯାଇଛେ । ଶୃଙ୍ଖଲିତ୍ ରଥ୍‌ଘିଚା, ମାହାପୁରୁମାନ୍‌କର ପହଣ୍ଡି ଆଉ ଅଲ୍‌ଗା ନୀତିକାନ୍ତି ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଛେ ।

ନବକୃଷ୍ଣ ଚୌଧୁରୀ -ପୁଣ୍ୟତିଥି ଏକ୍ସ

ଓଡ଼ିଶାର୍ ଆଘର୍ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କର୍ ପୁଣ୍ୟତିଥି ନ ଆଏଜ୍ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ବିଧାନ୍‌ସଭା ପରିସର୍ ନ ଥିବା ତାଙ୍କର୍ ପ୍ରତିମୂର୍ତିଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମାଲ୍ୟାର୍ପଣ କରିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ରାଜ୍ୟର୍ ପ୍ରଗତି ଆଉ ତୃଣମୂଳ ସ୍ତର୍‌ନୁ ଜନତାମାନ୍‌କର୍ ଉନ୍ନତି ଲାଗି ତାକର୍ ଚେରେଷ୍ଟା ଲାଗି ସେ ସବୁଦିନ ସୋର୍ ରହେବେ ।

ସ୍ନାତକୋତର-ପିଜି ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟମାନ୍‌କର୍ ସ୍ନାତକୋତର - ପିଜି ପାଠ୍‌ପଢ଼ା ଆଏବା ମାସ ୧୦ ତାରିଖ୍‌ନୁ ମୁଳ୍ ହେବା । ପହେଲା ଖେପ୍ ମେଧା ତାଲିକାଥି ୭ ହଜାର୍ ୮ ଶହ ୭୪ ଝନ୍ ଛାତ୍ରଛାତ୍ରୀ

ନାଁ ଲେଖେଇଛନ୍ ଆଉ ୨ ନମ୍ବର୍ ଖେପେ ୭ ହଜାର୍ ୫ ଶହ ୨୯ ଜନ୍ ଛାତ୍ରଛାତ୍ରୀ ନାଁ ଲେଖାବାର୍ ଲାଗି ବଛା ହେଇଛନ୍ । ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ୨୦ ଟା ବିଶ୍ୱବିଦ୍ୟାଳୟ ଆଉ ଶହେ ୧ ଟା ମହାବିଦ୍ୟାଳୟ ନ ୩୧ ହଜାର୍ ଶହେ ୫୪ ଟା ଆସନ୍ ପିଜି ଛାତ୍ରଛାତ୍ରୀମାନ୍‌କର୍ ଲାଗି ରହିଛେ ।

ଫି'        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଭିନ୍ ଭିନ୍ ପ୍ରବେଶିକା ପରୀକ୍ଷା ଲାଗି ନିଆଯାଉଥିବା ଫିସ୍‌କେ ଫିରାବାର୍ ଲାଗି ସାଧାରଣ୍ ପ୍ରଶାସନ୍ ବିଭାଗ୍ ତର୍‌ଫୁ ଓପିଏସ୍‌ସି, ଓଏସ୍‌ଏସ୍‌ସି ଆଉ ଓଏସ୍‌ଏସ୍‌ଏସ୍‌ସି କେ ଜନେଇ ଦିଆଯାଇଛେ । ଯେନ୍‌ମାନେ ପରୀକ୍ଷାଥି ଭାଗ୍ ନେବେ ଖାଲି ସେମାନ୍‌କୁ ଇଟା ଫିରାଯିବାର୍‌କେ ନିଷ୍ପତି ନିଆଯାଇଛେ ।

ସମଲେଶ୍ୱରୀ ଏକ୍ସପ୍ରେସ୍- ଲୁଇସିଂହା ଷ୍ଟେସନ୍        ଏକ୍ସ

ହାଓ୍ୱଡ଼ା-ଜଗ୍‌ଦଲ୍‌ପୁର୍ ସମଲେଶ୍ୱରୀ ଏକ୍ସପ୍ରେସ୍ ଲୁଇସିଂହା ଷ୍ଟେସନ୍ ନ ରହେବା ବଲି ରେଲ୍ ବିଭାଗ୍ ତର୍‌ଫୁ ସୂଚ୍‌ନା

ଦିଆଯାଇଛେ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ତାଙ୍କର୍ ଦିଲ୍ଲୀ ଗସ୍ତ ସମିଆଥି ଇ ବାବ୍ଦେ ରେଲ୍ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ଙ୍କୁ ଅନୁରୋଧ୍  କରିଥିଲେ । ଇଥିର୍ଲାଗି ରେଲ୍ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ପ୍ରତିଶ୍ରୁତି ଭିଲ୍ ଦେଇଥିଲେ । ସେ ଇଲାକାର୍ ଆର୍ଥିକ୍ ବିକାଶ୍ ଆଉ ଯା'ଆସ୍ କ୍ଷେତ୍ରଥି ଇଟା ଉନ୍ନତି ଆନ୍ବା ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ଆଶ୍ କରିଛନ୍ ।

ଓଡ଼ିଶା ବିଧାନ୍ସଭା ଗୃହ କମିଟି     ସୁବର୍ଣ୍ଣପୁର ସମ୍ବାଦଦାତା

ଓଡ଼ିଶା ବିଧାନ୍ସଭା ଗୃହ କମିଟିର୍ ୯ ଝନିଆ ପ୍ରତିନିଧି ଦଲ୍ ଅଧ୍ୟକ୍ଷ ଲକ୍ଷ୍ମଣ୍ ବାଗ୍ଙ୍କର୍ ନେତୃତ୍ୱଥି ସୁବର୍ଣ୍ଣପୁର୍ ଜିଲ୍ଲା ଗସ୍ତଥି ଆସିକରି ଭିନ୍ ଭିନ୍ ଉନ୍ନୟନ୍ ମୂଳକ୍ ପ୍ରକଳ୍ପମାନ୍କର୍ ଥିତି ଅନୁଧ୍ୟାନ୍ କର୍ବାର୍ ସହେତେ ସର୍କାରୀ କାର୍ଯ୍ୟଧାରାର୍ ସମୀକ୍ଷା କରିଛନ୍ । ଜିଲ୍ଲାପାଳ୍ଙ୍କର୍ ସମ୍ମିଳନୀ କକ୍ଷ ନ ଜିଲ୍ଲା ପ୍ରଶାସନ୍ର ବିଭାଗୀୟ ଅଧିକାରୀମାନ୍କର୍ ସାଙ୍ଗେ କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଜିଲ୍ଲା ନ ଚାଲିଥିବା ଥିତି ଆଉ ଅଗ୍ରଗତି ବାବ୍ଦେ ଆଲୋଚନା କରିଛନ୍ । ବୈଠକ୍ଥି ଜିଲ୍ଲାପାଲ୍ ଅନ୍ୟା ଦାସ୍ଙ୍କର୍ ସହେତେ ଭିନ୍ ଭିନ୍ ପ୍ରଶାସନିକ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଆଇନ୍‌ସେବା ପ୍ରାଧିକରଣ୍    ସୁବର୍ଣ୍ଣପୁର୍ ସମ୍ବାଦଦାତା

ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ୍‌ର ଅନୁମୋଦନ୍‌ଥି ସୁବର୍ଣ୍ଣପୁର୍ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଆଏଜ୍ ସୁବର୍ଣ୍ଣପୁର୍ ସଦର୍ ପାଖର୍ ସୁକାନ୍ତି କଲେଜ୍ ଠାନେ ପୋକ୍‌ସୋ ଆଉ କିଶୋର୍ ଆଇନ୍ ଉପ୍‌ରେ ଗୁଟେ ଜିଲ୍ଲାସ୍ତରୀୟ ଆଇନ୍ ସଚେତନତା ଶିବିର ହେଇଯାଇଛେ । ଇଥି ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ଅଧ୍ୟକ୍ଷ ଆଉ ଜିଲ୍ଲା ଜଜ୍ ଧନୁର୍ଦ୍ଧର ସେନାପତି ଯୋଗ୍ ଦେଇକରି ଇସବୁ ଆଇନ୍ ବାବ୍‌ଦେ ସଚେତନ୍ କରେଇଛନ୍ ।

ଜାତୀୟ ଜୁନିଅର୍ ଫେଡ଼େରେସନ୍ ଏଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍ ଏକ୍ସ

ଉତର୍‌ପ୍ରଦେଶ୍‌ର ପ୍ରୟାଗ୍‌ରାଜ୍ ଠାନେ ଚାଲିଥିବା ୨୩ ନମ୍ବର୍ ଜାତୀୟ ଜୁନିଅର୍ ଫେଡ଼େରେସନ୍ ଏଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍-୨୦୨୫ ର ପୁରୁଷ ବର୍ଗର୍ ୪ ଶହ ମିଟର୍ ଦୌଡ଼୍‌ଥି ଅସ୍ତିକ୍ ପ୍ରଧାନ୍ ସ୍ୱର୍ଣ୍ଣପଦକ୍ ହାସଲ୍ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାର୍‌ନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଗାଙ୍ଗେୟ ପଶ୍ଚିମବଙ୍ଗ ଆର୍ ତାର୍ ଆଖର୍ ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ହେବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍‌ଥି ଆଏବା ୭ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ଲାଗି ରହେବା ।